# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 501 CUTTACK, FRIDAY, MARCH 22, 2013 / CHAITRA 1, 1935**


## ରାଜ୍ୟ ନିର୍ବାଚନ ଆୟୋଗ, ଓଡିଶା

ତୋଷାଳୀ ଭବନ, ବି–୨, ପ୍ରଥମ ମହଲା, ସତ୍ୟନଗର

ଭୁବନେଶ୍ୱର–୭୫୧ ୦୦୭

ଆଦେଶ

ତାରିଖ ୨୧ ମାର୍ଚ୍ଚ ୨୦୧୩

ସଂଖ୍ୟା 1703— ରା.ନି.ଆ.—ଯେହେତୁ ଭାରତୀୟ ସଂବିଧାନର ଧାରା 243-U ଅନୁଯାୟୀ ୯୩ଟି ପୌରାଞ୍ଚଳର ନିର୍ବାଚନ, ସେଗୁଡିକର ଅବଧି ପ୍ରଥମ ବୈଠକ ଠାରୁ ଶେଷ ହେବା ପୂର୍ବରୁ ସମାପ୍ତ ହେବା ଦରକାର :

ଯେହେତୁ ୯୩ଟି ପୌରାଞ୍ଚଳର ପ୍ରଥମ ବୈଠକ ନିମ୍ନାନୁସାରେ ଅନୁଷ୍ଠିତ ହୋଇଥିଲା ।

| | | |
|---|---|---|
| (୧) | ୯୦ଟି ପୌରାଞ୍ଚଳ | ୩୦–୦୯–୨୦୦୮ |
| (୨) | ଫୁଲବାଣୀ ପୌରପାଳିକା ଓ ଜି. ଉଦୟଗିରି ଅଧିସୂଚିତ କ୍ଷେତ୍ର ପରିଷଦ | ୧୦–୧୨–୨୦୦୮ |
| (୩) | ବାରିପଦା ପୌରପାଳିକା | ୧୩–୦୨–୨୦୦୯ |

ସୁତରାଂ, ଉପରୋକ୍ତ ପୌରାଞ୍ଚଳଗୁଡିକର ସାଧାରଣ ନିର୍ବାଚନ ଓ ପୁନର୍ଗଠନ ଯଥାକ୍ରମେ ୨୯–୦୯–୨୦୧୩, ୦୯–୧୨–୨୦୧୩ ଓ ୧୨–୦୨–୨୦୧୪ ପୂର୍ବରୁ ହେବା ଆବଶ୍ୟକ :

ଯେହେତୁ, ଉକ୍ତ ପୌରାଞ୍ଚଳର ସାଧାରଣ ନିର୍ବାଚନ ପାଇଁ ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ 2 (A) (5), ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟମାନେ ସୀମା ନିର୍ଦ୍ଧାରଣ ଓ ଆସନ ଆରକ୍ଷଣର ଚୂଡାନ୍ତ ତାଲିକା ରାଜ୍ୟ ନିର୍ବାଚନ ଆୟୋଗକୁ ପ୍ରଦାନ କରିଛନ୍ତି ;

ଯେହେତୁ ଅନୁସୂଚୀ–୧ରେ ଦର୍ଶାଯାଇଥିବା ପୌରାଞ୍ଚଳଗୁଡିକର ସାଧାରଣ ନିର୍ବାଚନ ପାଇଁ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ହେଉଅଛି ;

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ୦୧–୦୧–୨୦୧୩ ସୁଦ୍ଧା ୧୮ ବର୍ଷ ସମ୍ପୂର୍ଣ୍ଣ ହୋଇଥିବା ଯୋଗ୍ୟ ବ୍ୟକ୍ତି ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ ଦ୍ୱାରା ବ୍ୟବସ୍ଥାଥିବା ଫାରମରେ ନିଜର ନାମ ଦରଜ କରିବା ପାଇଁ ଦାବି କରିବେ ଓ ସେହି ଦାବିଗୁଡିକ କମିଶନଙ୍କର ନିର୍ଦ୍ଦେଶାବଳୀ ଦ୍ୱାରା ଫଇସଲା କରାଯିବ ଏବଂ ଏହି ନାମଗୁଡିକ ଉକ୍ତ ଆଦେଶରେ ସଂଲଗ୍ନିତ ଫାରମ 1Aରେ ସ୍ଥାନିତ ହେବ ;

ତେଣୁ ଓଡ଼ିଶା ମ୍ୟୁନିସିପାଲ ଅଧିନିୟମ, ୧୯୫୦ର ଧାରା 11-A ଓ ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ ୧୯୯୪ ଅନୁଯାୟୀ ରାଜ୍ୟ ନିର୍ବାଚନ ଆୟୋଗ, ଓଡିଶା ଅନୁସୂଚୀ–୧ରେ ଦର୍ଶାଯାଇଥିବା ପୌରପାଳିକା/ଅଧିସୂଚିତ କ୍ଷେତ୍ର ପରିଷଦ ପାଇଁ ଅନୁସୂଚୀ–୨ରେ ଦର୍ଶାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅନୁସୂଚୀ –୩ର ରୀତି ଅନୁସାରେ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦେଉଛନ୍ତି ।

# ଅନୁସୂଚୀ I

| | | | |
|---|---|---|---|
| 1. | Angul | 1 | Angul Municipality |
| . | | 2 | Athamalick N.A.C. |
| | | 3 | Talcher Municipality |
| 2. | Baalangir | 4 | Balangir Municipality |
| | | 5 | Patnagarh N.A.C. |
| | | 6 | Kantabanjhi N.A.C. |
| | | 7 | Titilagarh N.A.C. |
| 3. | Balasore | 8 | Balasore Municipality |
| | | 9 | Jaleswar N.A.C. |
| | | 10 | Soro N.A.C. |
| | | 11 | Nilagiri N.A.C. |
| 4. | Bargarh | 12 | Bargarh Municipality |
| | | 13 | Barpali N.A.C. |
| | | 14 | Padmapur N.A.C. |
| 5. | Bhadrak | 15 | Basudevpur N.A.C. |
| | | 16 | Bhadrak Municipality |
| 6. | Boudh | 17 | Boudh N.A.C. |
| 7. | Cuttack | 18 | Athagarh N.A.C. |
| | | 19 | Banki N.A.C. |
| | | 20 | Choudwar Municipality |
| 8. | Deogarh | 21 | Deogarh Municipality |
| 9. | Dhenkanal | 22 | Dhenkanal Municipality |
| | | 23 | Bhuban N.A.C. |
| | | 24 | Kamakhyanagar N.A.C. |
| 10. | Gajapati | 25 | Kasinagar N.A.C. |
| | | 26 | Paralakhemundi Municipality |
| 11. | Ganjam | 27 | Chikiti N.A.C. |
| | | 28 | Digapahandi N.A.C. |
| | | 29 | Gopalpur N.A.C. |
| | | 30 | Aska N.A.C. |
| | | 31 | Belguntha N.A.C. |
| | | 32 | Bhanjanagar N.A.C. |
| | | 33 | Buguda N.A.C. |
| | | 34 | Soroda N.A.C. |
| | | 35 | Chhatrapur N.A.C. |
| | | 36 | Ganjam N.A.C. |
| | | 37 | Hinjilicut N.A.C. |
| | | 38 | Kabisuryanagar N.A.C. |
| | | 39 | Khalikote N.A.C. |

| | | | |
|---|---|---|---|
| | | 40 | Kodala N.A.C. |
| | | 41 | Polsara N.A.C. |
| | | 42 | Purusottampur N.A.C. |
| | | 43 | Rambha N.A.C. |
| 12. | Jagatsinghpur | 44 | Jagatsinghpur Municipality |
| 13. | Jajpur | 45 | Vyasanagar Municipality |
| | | 46 | Jajpur Municipality |
| 14. | Jharsuguda | 47 | Brajarajnagar Municipality |
| | | 48 | Jharsuguda Municipality |
| 15 | Kalahandi | 49 | Bhawanipatna Municipality |
| | | 50 | Kesinga N.A.C. |
| | | 51 | Junagarh N.A.C. |
| 16. | Kandhamal | 52 | G. Udayagiri N.A.C. |
| | | 53 | Phulbani Municipality |
| 17. | Kendrapada | 54 | Pattamundai N.A.C. |
| 18. | Keonjhar | 55 | Anandapur Municipality |
| | | 56 | Barbil Municipality |
| | | 57 | Joda Municipality |
| | | 58 | Keonjhar Municipality |
| 19. | Khurda | 59 | Jatni Municipality |
| | | 60 | Balugaon N.A.C. |
| | | 61 | Banapur N.A.C. |
| | | 62 | Khurda Municipality |
| 20. | Koraput | 63 | Kotpad N.A.C. |
| | | 64 | Jeypur Municipality |
| | | 65 | Koraput N.A.C. |
| 21. | Malkangiri | 66 | Malkangiri N.A.C. |
| 22. | Mayurbhanj | 67 | Baripada Municipality |
| | | 68 | Rairangpur N.A.C. |
| | | 69 | Udala N.A.C. |
| | | 70 | Karanjia N.A.C. |
| 23. | Nawarangpur | 71 | Nawarangpur Municipality |
| | | 72 | Umarkot N.A.C. |
| 24. | Nayagarh | 73 | Khandapada N.A.C. |
| | | 74 | Nayagarh N.A.C. |
| 25. | Nuapada | 75 | Khariar Road N.A.C. |
| | | 76 | Khariar N.A.C. |
| 26. | Puri | 77 | Konark N.A.C. |
| | | 78 | Nimapada N.A.C. |
| | | 79 | Pipili N.A.C. |
| | | 80 | Puri Municipality |

| | | | |
|---|---|---|---|
| 27. | Rayagada | 81 | Gudari N.A.C. |
| | | 82 | Gunupur N.A.C. |
| | | 83 | Rayagada Municipality |
| 28. | Sambalpur | 84 | Kuchinda N.A.C. |
| | | 85 | Hirakud N.A.C. |
| | | 86 | Sambalpur Municipality |
| 29. | Sonepur | 87 | Binka N.A.C. |
| | | 88 | Sonepur Municipality |
| | | 89 | Tarbha N.A.C. |
| 30. | Sundargarh | 90 | Biramitrapur Municipality |
| | | 91 | Rajgangapur Municipality |
| | | 92 | Rourkela Municipality |
| | | 93 | Sundargarh Municipality |

# ଅନୁସୂଚୀ II

## ପୌରାଞ୍ଚଳର ସାଧାରଣ ନିର୍ବାଚନ ୨୦୧୩ ପରିପେକ୍ଷୀରେ ଭୋଟର ତାଲିକା ପ୍ରସ୍ତୁତିକରଣର କାର୍ଯ୍ୟସୂଚୀ

| କ୍ର.ନଂ | ବିଷୟ | ତାରିଖ | ସ୍ଥାନ |
|---|---|---|---|
| (୧) | (୨) | (୩) | (୪) |
| ୧ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିଧାନସଭାର ଭୋଟର ତାଲିକାକୁ ଫାରମ ନଂ I ରେ ୱାର୍ଡୱାରୀକରଣ (ନିୟମ ୪ ଅନୁଯାୟୀ) । | ୦୨-୦୪-୨୦୧୩ ଠାରୁ ୧୫-୦୪-୨୦୧୩ | |
| ୨ | ଫାରମ ନଂ II ରେ ଦାବି ଓ ଆପତ୍ତି ଆହ୍ୱାନପାଇଁ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନିୟମ ୭ (୧) (୨) ଅନୁଯାୟୀ) । | ୧୬-୦୪-୨୦୧୩ | ୧. ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ।<br>୨. ପୌର କାର୍ଯ୍ୟାଳୟ<br>୩. ପ୍ରତ୍ୟେକ ୱାର୍ଡ |
| ୩ | ଜନସାଧାରଣଙ୍କ ପାଇଁ ପ୍ରାଥମିକ ଭୋଟର ତାଲିକା ପ୍ରଦର୍ଶନ (ନିୟମ ୭ (୩) ଅନୁଯାୟୀ) । | ୧୬-୦୪-୨୦୧୩ ଠାରୁ ୨୨-୦୪-୨୦୧୩ (ସରକାରୀ ଛୁଟି ବ୍ୟତୀତ) | ୧. ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ।<br>୨. ପୌର କାର୍ଯ୍ୟାଳୟ<br>୩. ପ୍ରତ୍ୟେକ ୱାର୍ଡ |
| ୪ | ଦାବି ଓ ଆପତ୍ତି ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ (ନିୟମ ୮ (୨) ଅନୁଯାୟୀ) । | ୧୬-୦୪-୨୦୧୩ ଠାରୁ ୨୩-୦୪-୨୦୧୩ (ସରକାରୀ ଛୁଟି ବ୍ୟତୀତ) | ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ । |
| ୫ | ଦାବି ଓ ଆପତ୍ତି ଶୁଣାଣି ପୂର୍ବରୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଓ ସଂଶୋଧନ (ନିୟମ ୯ ଅନୁଯାୟୀ) । | ୨୪-୦୪-୨୦୧୩ ଠାରୁ ୨୭-୦୪-୨୦୧୩ | |
| ୬ | ଗ୍ରହଣ କରାଯାଇଥିବା ଓ ସଂଶୋଧିତ ଦାବି ଓ ଆପତ୍ତିଗୁଡିକ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରକାଶନ (ନିୟମ ୧୦ ଅନୁଯାୟୀ) । | ୩୦-୦୪-୨୦୧୩ | ୧. ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ।<br>୨. ପୌର କାର୍ଯ୍ୟାଳୟ |
| ୭ | ଦାବି ଓ ଆପତ୍ତିଗୁଡିକର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଶୁଣାଣି ଓ ଫଇସଲା (ନିୟମ ୧୧ ଅନୁଯାୟୀ) । | ୪-୦୫-୨୦୧୩ ଠାରୁ ୦୮-୦୫-୨୦୧୩ (ସରକାରୀ ଛୁଟି ବ୍ୟତୀତ) | ୧. ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ସ୍ଥିରୀକୃତ । |
| ୮ | ଚିଠା ପ୍ରକାଶନର ତାରିଖ | ୧୦-୦୫-୨୦୧୩ | ୧. ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ।<br>୨. ପୌର କାର୍ଯ୍ୟାଳୟ<br>୩. ପ୍ରତ୍ୟେକ ୱାର୍ଡ |
| ୯ | ନିର୍ବାଚନ ଅଧିକାରୀଙ୍କ ଆଦେଶ ବିରୁଦ୍ଧରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖରେ ଅପିଲ (ନିୟମ ୧୧ ଅନୁଯାୟୀ) । | ୧୩-୦୫-୨୦୧୩ ଠାରୁ ୧୭-୦୫-୨୦୧୩ | ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ । |
| ୧୦ | ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅପିଲ ଫଇସଲା (ନିୟମ ୧୧-A ଅନୁଯାୟୀ) । | ୧୮-୦୫-୨୦୧୩ ଠାରୁ ୨୫-୦୫-୨୦୧୩ | ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସ୍ଥିରୀକୃତ । |

| (୧) | (୨) | (୩) | (୪) |
|---|---|---|---|
| ୧୧ | ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶ ନିର୍ବାଚନ ଅଧିକାରୀଙ୍କୁ ପ୍ରେରଣ । | ୨୮-୦୫-୨୦୧୩ ସୁଦ୍ଧା | |
| ୧୨ | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନିୟମ ୧୫ ଅନୁଯାୟୀ) । | ୩୧-୦୫-୨୦୧୩<br>୦୧-୦୬-୨୦୧୩<br>୦୩-୦୬-୨୦୧୩ | ୧. ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ।<br>୨. ପୌର କାର୍ଯ୍ୟାଳୟ<br>୩. ପ୍ରତ୍ୟେକ ୱାର୍ଡ |
| ୧୩ | ପ୍ରସ୍ତାବିତ ଭୋଟ ଗ୍ରହଣ କେନ୍ଦ୍ରର ତାଲିକା ପ୍ରକାଶନ । | ୩୧-୦୫-୨୦୧୩<br>୦୧-୦୬-୨୦୧୩<br>୦୩-୦୬-୨୦୧୩ | ୧. ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ।<br>୨. ପୌର କାର୍ଯ୍ୟାଳୟ<br>୩. ପ୍ରତ୍ୟେକ ୱାର୍ଡ |
| ୧୪ | ଭୋଟ ଗ୍ରହଣ କେନ୍ଦ୍ର ଚୂଡାନ୍ତକରଣ | ୦୪-୦୬-୨୦୧୩ ଠାରୁ<br>୦୭-୦୬-୨୦୧୩ | |
| ୧୫ | ଭୋଟ ଗ୍ରହଣ କେନ୍ଦ୍ରର ତାଲିକା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ପ୍ରେରଣ । | ୧୨-୦୬-୨୦୧୩ ସୁଦ୍ଧା | |
| ୧୬ | ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟ ଗ୍ରହଣ କେନ୍ଦ୍ରର ତାଲିକା ଅନୁମୋଦନ । | ୧୯-୦୬-୨୦୧୩ ସୁଦ୍ଧା | |
| ୧୭ | ମୁଦ୍ରିତ ଚୂଡାନ୍ତ ଭୋଟର ତାଲିକା ରାଜ୍ୟ ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ । | ୦୪-୦୭-୨୦୧୩ ସୁଦ୍ଧା | |

ଉପରୋକ୍ତ ନିୟମଗୁଡିକ ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ ଅନ୍ତର୍ଭୁକ୍ତ ନିୟମ ଅଟେ ।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ଆଦେଶାନୁକ୍ରମେ
ଓ ନାମାନୁସାରେ
**ଦୁଃଖୀଶ୍ୟାମ ଶତପଥି**
ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 2393–193+500